# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

**12th September - 2024**

**News Editor : *Itishree Singh Rathaur***

**********************************

## ମୁଖ୍ୟ ସମ୍ବାଦ

- ରାଜ୍ୟ କ୍ୟାବିନେଟ୍ ବୈଠକରେ ଅବସରପ୍ରାପ୍ତ ଅଗ୍ନିବୀରମାନଙ୍କୁ ୟୁନିଫର୍ମ ସେବାରେ ୧୦ ପ୍ରତିଶତ ସଂରକ୍ଷଣ ଦେବାପାଇଁ ନିଷ୍ପତ୍ତି ।
- ମାଲକାନଗିରିରେ ବର୍ଷାଜନିତ କ୍ଷୟକ୍ଷତିର ସମୀକ୍ଷା କଲେ ମୁଖ୍ୟମନ୍ତ୍ରୀ ।
- ଚାନ୍ଦିପୁରରୁ ସ୍ୱଳ୍ପ ଦୂରଗାମୀ କ୍ଷେପଣାସ୍ତ୍ର SR-SAMର ବ୍ୟାବହାରିକ ପରୀକ୍ଷଣ ।
- ପୁରୀ ଶ୍ରୀମନ୍ଦିର ରତ୍ନଭଣ୍ଡାରର ପ୍ରାରମ୍ଭିକ ନିରୀକ୍ଷଣ କାର୍ଯ୍ୟ ଆସନ୍ତା ୧୮ ତାରିଖରୁ ଆରମ୍ଭ ହେବ ।

ଏବଂ

- ରାଜ୍ୟରେ ଅକ୍ଟୋବର ୨୭ ତାରିଖରେ ଅନୁଷ୍ଠିତ ହେବ ଓ.ପି.ଏସ୍.ସି. ପ୍ରିଲିମ୍ ପରୀକ୍ଷା ।

# କ୍ୟାବିନେଟ୍ ବୈଠକ

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କ୍ୟାବିନେଟ୍ ବୈଠକରେ ୩ଟି ପ୍ରସ୍ତାବକୁ ଅନୁମୋଦନ ମିଳିଛି । ଏ ସମ୍ପର୍କରେ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା କହିଛନ୍ତି, କ୍ୟାବିନେଟ୍‌ରେ ଅବସରପ୍ରାପ୍ତ ଅଗ୍ନିବୀରମାନଙ୍କୁ ୟୁନିଫର୍ମ ସେବାରେ ନିଯୁକ୍ତି ପାଇଁ ନିଷ୍ପତ୍ତି ନିଆଯାଇଛି । ସେମାନଙ୍କପାଇଁ ସରକାର ପୁଲିସ, ଅଗ୍ନିଶମ, ଜଙ୍ଗଲ, ଅବକାରୀ ଆଦି ବିଭାଗରେ ୧୦ ପ୍ରତିଶତ ସ୍ଥାନ ସଂରକ୍ଷିତ ରଖିବେ । ସେହିଭଳି ନିର୍ଦ୍ଧାରିତ ବୟସ ସୀମାକୁ ୩ ବର୍ଷ କୋହଳ କରାଯିବା ସହ ସେମାନଙ୍କୁ ଶାରୀରିକ ଦକ୍ଷତା ପରୀକ୍ଷାରୁ ଅବ୍ୟାହତି ଦିଆଯିବ ।

ଶ୍ରୀ ଆହୁଜା କହିଛନ୍ତି, ଓଡ଼ିଶା ବେସାମରିକ ନିୟମାବଳୀ-୨୦୨୦ରେ ସଂଶୋଧନ କରାଯାଇଛି । ରାଜ୍ୟ ସରକାରଙ୍କ ଥଇଥାନ ଯୋଜନାରେ କୌଣସି କାର୍ଯ୍ୟରତ ସରକାରୀ କର୍ମଚାରୀଙ୍କ ମୃତ୍ୟୁ ହେଲେ ତାଙ୍କ ଉପରେ ନିର୍ଭରଶୀଳ ସାବତ ତଥା ବିବାହିତ ଝିଅକୁ ନିଯୁକ୍ତି ମିଳିବ । ପୂର୍ବରୁ ନିର୍ଭରଶୀଳ ଅବିବାହିତ ଝିଅମାନଙ୍କ ପାଇଁ ଏହି ବ୍ୟବସ୍ଥା ଥିଲା । ସେ କହିଛନ୍ତି, ଗୋପାଳପୁର ବନ୍ଦରର ୯୫ ପ୍ରତିଶତ ଅଂଶଧନ ଆଦାନୀ ଗ୍ରୁପ୍‌କୁ ହସ୍ତାନ୍ତର ପାଇଁ କ୍ୟାବିନେଟ୍‌ରେ ଅନୁମୋଦନ ମିଳିଛି । ଓଡ଼ିଶା ଷ୍ଟିଭେଡୋର୍ସ ଲିମିଟେଡ୍ ପାଖରେ ବାକି ୫ ପ୍ରତିଶତ ଅଂଶଧନ ରହିବ ବୋଲି ନିଷ୍ପତ୍ତି ହୋଇଛି ।

*Malkangiri/R*

## ମୁଖ୍ୟମନ୍ତ୍ରୀ - ବନ୍ୟା ସମୀକ୍ଷା

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ମାଲକାନଗିରି ଜିଲ୍ଲାରେ ବର୍ଷାଜନିତ କ୍ଷୟକ୍ଷତି ସମ୍ପର୍କରେ ସମୀକ୍ଷା କରିଛନ୍ତି । ବୈଠକରେ ମୁଖ୍ୟମନ୍ତ୍ରୀ ରିଲିଫ୍ କୋଡ୍ ଅନୁଯାୟୀ କ୍ଷତିପୂରଣ ପ୍ରଦାନ ପାଇଁ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଏହାସହ ବନ୍ୟା ପ୍ରଭାବିତ ଅଞ୍ଚଳରେ ଯଥାଶୀଘ୍ର ବିଦ୍ୟୁତ୍ ସେବା ଓ ବିଶୁଦ୍ଧ ପାନୀୟଜଳ ଯୋଗାଣ ଉପରେ ଗୁରୁତ୍ୱାରୋପ କରିଥିଲେ । ସୂଚନା ଅନୁସାରେ, ମାଲକାନଗିରି ଜିଲ୍ଲାରେ ଲଗାଣ ବର୍ଷା ଯୋଗୁଁ ୮ ହଜାର ୮୩୦ ହେକ୍ଟର ଜମି ଜଳମଗ୍ନ ହୋଇଥିଲା । ଏଥିସହ ୫୭୬ଟି ଘର ଆଂଶିକ ଓ ୨୧ଟି ବାସଗୃହ ସମ୍ପୂର୍ଣ୍ଣଭାବେ କ୍ଷତିଗ୍ରସ୍ତ ହୋଇଥିବା ଆମ ସମ୍ବାଦଦାତା ଜଣାଇଛନ୍ତି ।

*IPR*

## ନିଯୁକ୍ତି ମେଳା

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ଭୁବନେଶ୍ୱର ଲୋକସେବା ଭବନର ସମ୍ମିଳନୀ କକ୍ଷରେ ୭ଟି ବିଭାଗର ୪୭୬ ଜଣ ଅଧିକାରୀ ଓ କର୍ମଚାରୀମାନଙ୍କୁ ନିଯୁକ୍ତିପତ୍ର ପ୍ରଦାନ କରିଛନ୍ତି । ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ଏଣିକି ସବୁ ଚୟନ ପଦ୍ଧତି ମେରିଟ୍ ଆଧାରରେ ହେବ ।

ଜନସାଧାରଣଙ୍କ ସମସ୍ୟାର ସମାଧାନ ସରକାରୀ କର୍ମଚାରୀଙ୍କ ଦାୟିତ୍ୱ । ଜନକଲ୍ୟାଣକାରୀ ଯୋଜନାର ସୁଫଳ ସମାଜର ଶେଷ ଭାଗରେ ଥିବା ବ୍ୟକ୍ତିଙ୍କ ପାଖରେ ପହଞ୍ଚାଇବା ଦିଗରେ କାର୍ଯ୍ୟ କରିବାକୁ ସେ ନବନିଯୁକ୍ତଙ୍କୁ ପରାମର୍ଶ ଦେଇଛନ୍ତି । ମୁଖ୍ୟମନ୍ତ୍ରୀ କହିଛନ୍ତି, ଆଗାମୀ ୫ ବର୍ଷ ମଧ୍ୟରେ ସରକାର ଦେଢ଼ ଲକ୍ଷ ଖାଲି ଥିବା ପଦବୀ ପୂରଣ କରିବାପାଇଁ ଲକ୍ଷ୍ୟ ରଖିଛନ୍ତି । ଶିକ୍ଷକ୍ଷେତ୍ରରେ ୩ ଲକ୍ଷ ୫୦ ହଜାର ଯୁବକ ଯୁବତୀଙ୍କ ପାଇଁ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି ।

***BBSR/R***

# ରାଜ୍ୟ ସରକାର - ପୁନଃ ନିଯୁକ୍ତି

ଅବସରପ୍ରାପ୍ତ ସରକାରୀ କର୍ମଚାରୀଙ୍କ ପୁନଃ ନିଯୁକ୍ତିପାଇଁ ରାଜ୍ୟ ସରକାର ଏକ ବିସ୍ତୃତ ନିର୍ଦ୍ଦେଶାବଳୀ ଜାରି କରିଛନ୍ତି । ଏନେଇ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ସଙ୍କଳ୍ପପତ୍ର ପ୍ରକାଶ ପାଇଛି । ଏହା ଅନୁସାରେ ଅବସରପ୍ରାପ୍ତ କର୍ମଚାରୀଙ୍କ ପୁନଃ ନିଯୁକ୍ତିପାଇଁ ନିଷ୍ପତ୍ତି ନେବାକୁ ଏକ କମିଟି ଗଠନ କରାଯିବ । ମୁଖ୍ୟ ଶାସନ ସଚିବ କମିଟିର ଅଧ୍ୟକ୍ଷ ରହିବେ । ଯେଉଁ କର୍ମଚାରୀମାନେ ୬୫ ବର୍ଷରୁ କମ୍ ଥିବେ ତଥା ଶାରୀରିକଭାବେ ସୁସ୍ଥ ଓ ଭଲ ସର୍ଭିସ୍ ରେକର୍ଡ଼ ରଖିଥିବେ, ସେହିମାନଙ୍କୁ ପୁନଃ ନିଯୁକ୍ତି ମିଳିବ ବୋଲି ନିର୍ଦ୍ଦେଶାବଳୀରେ କୁହାଯାଇଛି ।

*Desk*

# କେନ୍ଦ୍ରମନ୍ତ୍ରୀ ରାଜୀବ ରଞ୍ଜନ ସିଂହ

କେନ୍ଦ୍ର ମତ୍ସ୍ୟଚାଷ, ପ୍ରାଣୀସମ୍ପଦ, ଦୁଗ୍ଧ ଉତ୍ପାଦନ ଓ ପଞ୍ଚାୟତିରାଜ ମନ୍ତ୍ରୀ ରାଜୀବ ରଞ୍ଜନ ସିଂହ ଆସନ୍ତାକାଲି ଓଡ଼ିଶା ଗସ୍ତରେ ଆସୁଛନ୍ତି । ଭୁବନେଶ୍ୱର ଲୋକସେବା ଭବନ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହେବାକୁ ଥିବା ପ୍ରାଣୀସମ୍ପଦ ଓ ଦୁଗ୍ଧ ଉତ୍ପାଦନ କ୍ଷେତ୍ର ଉପରେ ମୌସୁମୀ ବୈଠକରେ ସେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି । ତାଙ୍କ ସହ ବିଭାଗୀୟ କେନ୍ଦ୍ର ରାଷ୍ଟ୍ରମନ୍ତ୍ରୀ ଏସ୍.ପି. ସିଂହ ବାଘେଲ୍ ଏବଂ ରାଷ୍ଟ୍ରମନ୍ତ୍ରୀ ଜର୍ଜ କୁରିଏନ୍ ମଧ୍ୟ ଏହି ବୈଠକରେ ଯୋଗଦେବେ । ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳଗୁଡ଼ିକରେ ଆଶା ଅନୁରୂପ ପ୍ରାଣୀସମ୍ପଦ ତଥା ଦୁଗ୍ଧ ଉତ୍ପାଦନ ବୃଦ୍ଧି କରିବାପାଇଁ ତୃଣମୂଳ ସ୍ତରରେ ହେଉଥିବା କାର୍ଯ୍ୟକ୍ରମଗୁଡ଼ିକର ଫଳପ୍ରଦ କାର୍ଯ୍ୟାନ୍ୱୟନପାଇଁ ଏକ ସମନ୍ୱୟ ଢାଞ୍ଚା ପ୍ରସ୍ତୁତ କରିବାକୁ ଏହି ବୈଠକ ଅନୁଷ୍ଠିତ ହେଉଛି । ଉଦ୍‌ଘାଟନୀ ଅଧିବେଶନରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମୁଖ୍ୟ ଅତିଥି ଭାବେ ଯୋଗଦେବାକୁ ଥିବାବେଳେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ସ୍ୱତନ୍ତ୍ର ଅତିଥି ଭାବେ ଉପସ୍ଥିତ ରହିବେ ।

*Desk*

## କ୍ଷେପଣାସ୍ତ୍ର ପରୀକ୍ଷଣ

ବାଲେଶ୍ୱର ଜିଲ୍ଲା ଚାନ୍ଦିପୁର ସ୍ଥିତ ସମନ୍ୱିତ କ୍ଷେପଣାସ୍ତ୍ର ଘାଟୀରୁ ଭୂପୃଷ୍ଠରୁ ଆକାଶକୁ ନିକ୍ଷେପ କରିପାରୁଥିବା SR-SAM କ୍ଷେପଣାସ୍ତ୍ରର ବ୍ୟାବହାରିକ ସଫଳ ପରୀକ୍ଷଣ କରାଯାଇଛି । ୩ ନମ୍ବର ଲଞ୍ଚ୍ ପ୍ୟାଡ୍‌ରୁ ଆଜି ଅପରାହ୍ଣ ୩ଟା ୨୦ ମିନିଟ୍‌ରେ ଏହି ପରୀକ୍ଷଣ କରାଯାଇଥିବା ସୂଚନା ମିଳିଛି । ସ୍ୱଦେଶୀ ଜ୍ଞାନକୌଶଳରେ ନିର୍ମିତ ଏହି ସ୍ୱଳ୍ପ ଦୂରଗାମୀ କ୍ଷେପଣାସ୍ତ୍ରର ଆକାଶମାର୍ଗରେ ନିର୍ଦ୍ଦିଷ୍ଟ ଲକ୍ଷ୍ୟକୁ ଭେଦ କରିବାର କ୍ଷମତା ରହିଛି ।

*Puri/R*

## ଏ.ଏସ୍.ଆଇ. - ପୁରୀ ରତ୍ନଭଣ୍ଡାର

ପୁରୀ ଶ୍ରୀମନ୍ଦିର ରତ୍ନଭଣ୍ଡାରର ପ୍ରାରମ୍ଭିକ ନିରୀକ୍ଷଣ କାର୍ଯ୍ୟ ଆସନ୍ତା ୧୮ ତାରିଖରୁ ଆରମ୍ଭ ହେବ । ଏନେଇ ଭାରତୀୟ ପ୍ରତ୍ନତତ୍ତ୍ୱ ସର୍ବେକ୍ଷଣ ସଂସ୍ଥା - ଏ.ଏସ୍.ଆଇ. ପକ୍ଷରୁ ଶ୍ରୀମନ୍ଦିର ପ୍ରଶାସନକୁ ସୂଚନା ଦିଆଯାଇଛି । ତେବେ ରାଜ୍ୟ ସରକାରଙ୍କ ଅନୁମୋଦନ ପରେ ଏହି ପ୍ରାରମ୍ଭିକ ନିରୀକ୍ଷଣ ଏବଂ ବୈଷୟିକ ଯାଞ୍ଚ୍ ପ୍ରକ୍ରିୟା ଆରମ୍ଭ ହେବ । ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡକ୍ଟର ଅରବିନ୍ଦ ପାଢ଼ୀ ସମସ୍ତ ପ୍ରସ୍ତୁତିର ସମୀକ୍ଷା କରିବା ସହ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ସୂଚନାଯୋଗ୍ୟ, ପୂର୍ବରୁ ରାଜ୍ୟ

ସରକାର ମାର୍ଗଦର୍ଶିକା ଅନୁଯାୟୀ ବାହାର ଓ ଭିତର ରତ୍ନଭଣ୍ଡାରରେ ଥିବା ସମସ୍ତ ଅଳଙ୍କାର ଅସ୍ଥାୟୀ ଷ୍ଟ୍ରଙ୍ଗ୍‌ରୁମ୍‌କୁ ସ୍ଥାନାନ୍ତରିତ କରିଛନ୍ତି ।

***Desk***

# ଡେଙ୍ଗୁ ଓ ସ୍କ୍ରବ୍ - ଜନସ୍ୱାସ୍ଥ୍ୟ ବିଭାଗ

ରାଜ୍ୟରେ ବର୍ତ୍ତମାନ ସୁଦ୍ଧା ୫ ହଜାର ୧୩୦ ଜଣ ଡେଙ୍ଗୁ ରୋଗୀ ଚିହ୍ନଟ ହୋଇଛନ୍ତି ବୋଲି ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡାକ୍ତର ନୀଳକଣ୍ଠ ମିଶ୍ର କହିଛନ୍ତି। ତେବେ ଡେଙ୍ଗୁରେ ଏ ପର୍ଯ୍ୟନ୍ତ କାହାର ମୃତ୍ୟୁ ହୋଇଥିବା ନେଇ ଖବର ହସ୍ତଗତ ହୋଇନାହିଁ ବୋଲି ସେ ସ୍ପଷ୍ଟ କରିଛନ୍ତି। ଶ୍ରୀ ମିଶ୍ର କହିଛନ୍ତି, ସ୍କ୍ରବଟାଇପସ୍‌ରେ ବରଗଡ଼ ଜିଲ୍ଲାରେ ୪ ଜଣଙ୍କର ମୃତ୍ୟୁ ହୋଇଥିବା ନେଇ କୌଣସି ସ୍ପଷ୍ଟ ସୂଚନା ମିଳି ନାହିଁ। ଅଭିଯୋଗ ଆସିଥିବା ଅଞ୍ଚଳରୁ ଏ ନେଇ ପରୀକ୍ଷା ପରେ ଜଣାପଡ଼ିବ। ବାର୍ଡ଼ ଫ୍ଲୁ ସମ୍ପର୍କରେ ସେ କହିଛନ୍ତି, କେନ୍ଦ୍ରାପଡ଼ା ଓ ପୁରୀର ବାର୍ଡ ଫ୍ଲୁ ପ୍ରଭାବିତ ଅଞ୍ଚଳରେ କୁକୁଡ଼ା ମରା କାର୍ଯ୍ୟ ଶେଷ ହୋଇଛି। ସେହିଭଳି ଯାଜପୁର ଏବଂ କଟକର କିଛି ଅଞ୍ଚଳରେ କୁକୁଡ଼ା ମରା ହେଉଛି । ପ୍ରଭାବିତ ଅଞ୍ଚଳର କୁକୁଡ଼ା ଏବଂ ଅଣ୍ଡା ନ ଖାଇବାକୁ ଡାକ୍ତର ମିଶ୍ର ଜନସାଧାରଣଙ୍କୁ ପରାମର୍ଶ ଦେଇଛନ୍ତି। ମଙ୍କିପକ୍ସକୁ ନେଇ ସେ କହିଛନ୍ତି, ରୋଗର ସ୍ଥିତି ନେଇ ସମୀକ୍ଷା କରାଯାଇଛି। ଏହାର ଚିକିତ୍ସା ତଥା ନିରାକରଣ ଲକ୍ଷ୍ୟରେ ମାର୍ଗଦର୍ଶିକା ଜାରି କରାଯାଇଛି ବୋଲି ଡକ୍ଟର ମିଶ୍ର କହିଛନ୍ତି।

*Desk*

## ଓ.ଏ.ଏସ୍. ପ୍ରିଲିମ୍

ଓଡ଼ିଶା ଲୋକସେବା ଆୟୋଗ - ଓ.ପି.ଏସ୍.ସି. ପକ୍ଷରୁ ଓଡ଼ିଶା ପ୍ରଶାସନିକ ସେବା - ଓ.ଏ.ଏସ୍. ପ୍ରିଲିମ୍ ପରୀକ୍ଷା ନେଇ ବିଜ୍ଞପ୍ତି ପ୍ରକାଶ ପାଇଛି । ବିଜ୍ଞପ୍ତି ଅନୁସାରେ ଅକ୍ଟୋବର ୨୭ ତାରିଖ ରବିବାର ଦିନ ଏହି ପରୀକ୍ଷା ଅନୁଷ୍ଠିତ ହେବ । ପରୀକ୍ଷାର୍ଥୀମାନେ ଓ.ପି.ଏସ୍.ସି. ୱେବ୍‌ସାଇଟ‌ରୁ ପରୀକ୍ଷା ସମ୍ପର୍କିତ ଅଧିକ ସୂଚନା ପାଇପାରିବେ ।

*Nayagarh, Ganjam/R*

## ରାଷ୍ଟ୍ରୀୟ ଲୋକ ଅଦାଲତ

ନୟାଗଡ଼ ଜିଲ୍ଲା ଆଇନସେବା ପ୍ରାଧିକରଣ ପକ୍ଷରୁ ଆସନ୍ତା ଶନିବାର ଜିଲ୍ଲାର ସମସ୍ତ ବିଚାର ବିଭାଗୀୟ ଅଦାଲତ ପରିସରରେ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହେବ । ଏଥିରେ ବିଚାରାଧୀନ ଦେୱାନୀ ଓ ଫୌଜଦାରୀ, ବ୍ୟାଙ୍କ୍‌ରଣ, ବିଦ୍ୟୁତ୍ ଓ ଜଳଯୋଗାଣ ସମ୍ପର୍କିତ ମାମଲାଗୁଡ଼ିକର ଆପୋଷ ସମାଧାନ କରାଯିବାର କାର୍ଯ୍ୟକ୍ରମ ରହିଛି ।

ସେହିପରି ଗଞ୍ଜାମ ଜିଲ୍ଲା ଛତ୍ରପୁର ତାଲୁକ ଆଇନସେବା ପ୍ରାଧିକରଣ ପକ୍ଷରୁ ଛତ୍ରପୁର କୋର୍ଟ ପରିସରରେ ତୃତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ ଆସନ୍ତା ଶନିବାର ଅନୁଷ୍ଠିତ ହେବ । ଏହାର ବ୍ୟାପକ ପ୍ରଚାର ଓ ଲୋକଙ୍କୁ

ସଚେତନ କରିବାପାଇଁ ଆଜି କୋର୍ଟ ପରିସରରେ ଏକ ସଚେତନତା ରଥକୁ ଅତିରିକ୍ତ ଜିଲ୍ଲା ଦୌରାଜଜ୍ ମନୋରଞ୍ଜନ ଦାସ ଶୁଭାରମ୍ଭ କରିଥିଲେ ।

*Kalahandi/R*

## ଛତର ଯାତ୍ରା

କଳାହାଣ୍ଡି ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ମା' ମାଣିକେଶ୍ୱରୀଙ୍କ ଛତର ଯାତ୍ରା ନେଇ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି । ଏଥିରେ ସାଂସଦ ମାଳବିକା ଦେବୀ ଓ ଜିଲ୍ଲାପାଳ ସଚିନ ପାୱାର ପ୍ରକାଶ ଯାତ୍ରା ପୂର୍ବରୁ ରାସ୍ତା ମରାମତି, ବିଶୁଦ୍ଧ ପାାନୟ ଜଳ ଯୋଗାଣ, ନିରବଚ୍ଛିନ ବିଦୁତ୍ ସରବରାହ ଉପରେ ଗୁରୁତ୍ୱାରୋପ କରିଥିଲେ । ସୂଚନା ଅନୁସାରେ ଆସନ୍ତା ମାସ ୧୧ ତାରିଖରେ ପ୍ରସିଦ୍ଧ ଛତର ଯାତ୍ରା ଅନୁଷ୍ଠିତ ହେବ ।

*Keonjhar/R*

## ସାପକାମୁଡ଼ା - ସଚେତନତା

କେନ୍ଦୁଝର ପୌରପାଳିକା ସମ୍ମିଳନୀ କକ୍ଷରେ ସାପକାମୁଡ଼ା ନେଇ ସଚେତନ କାର୍ଯ୍ୟକ୍ରମ ଆୟୋଜନ ହୋଇଛି । ଏଥିରେ ଗୁଣିଗାରେଡ଼ି ଉପରେ

ବିଶ୍ୱାସ ନ କରି ସାପ କାମୁଡ଼ିବା ପରେ ତୁରନ୍ତ ଡାକ୍ତରଖାନା ଯିବାକୁ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ପରାମର୍ଶ ଦିଆଯାଇଛି ।

***IPR***

## ସ୍ୱଚ୍ଛତା ହିଁ ସେବା

ରାଜ୍ୟରେ ସ୍ୱଚ୍ଛତା ହିଁ ସେବା ଅଭିଯାନର ପ୍ରସ୍ତୁତି ନେଇ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଛି । ଭୁବନେଶ୍ୱରରେ ଆୟୋଜିତ ବୈଠକରେ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗର ପ୍ରମୁଖ ସଚିବ ଉଷା ପାଢ଼ୀ ଏବଂ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗର ପ୍ରମୁଖ ସଚିବ ଏସ୍.କେ. ଲୋହାନୀ ଏହି ଅଭିଯାନର କାର୍ଯ୍ୟକଳାପ ଠିକ୍ ସମୟରେ ସମାପ୍ତ କରିବା ଉପରେ ଗୁରୁତ୍ୱ ପ୍ରଦାନ କରିଛନ୍ତି । ଏକ ପରିଷ୍କାର ତଥା ସ୍ୱାସ୍ଥ୍ୟକର ଓଡ଼ିଶାର ଲକ୍ଷ୍ୟ ହାସଲ ପାଇଁ ଜିଲ୍ଲା ପ୍ରଶାସନ ଏବଂ ପୌରାଞ୍ଚଳର ସମନ୍ୱୟ ପ୍ରୟାସର ଆବଶ୍ୟକତା ରହିଛି ବୋଲି ବରିଷ୍ଠ ଅଧିକାରୀମାନେ ମତପ୍ରକାଶ କରିଥିଲେ । କାର୍ଯ୍ୟକ୍ରମରେ ବିଭିନ୍ନ ଜିଲ୍ଲାର ଜିଲ୍ଲାପାଳଙ୍କ ସମେତ ଅନ୍ୟ ବରିଷ୍ଠ ଅଧିକାରୀମାନେ ଯୋଗ ଦେଇଥିଲେ ।

*Desk*

# ପାଣିପାଗ

ମିଆଁମାରର କେନ୍ଦ୍ରୀୟ ଅଞ୍ଚଳରେ ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହୋଇଛି। ଆସନ୍ତା ଦୁଇ ଦିନ ମଧ୍ୟରେ ଏହା ବାଂଲାଦେଶ ଉପକୂଳ ଏବଂ ପାର୍ଶ୍ୱବର୍ତ୍ତୀ ଉତ୍ତର-ପଶ୍ଚିମ ବଙ୍ଗୋପସାଗର ଆଡ଼େ ଗତି କରିବ ବୋଲି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ କୁହାଯାଇଛି। ଏହାର ପ୍ରଭାବରେ ରାଜ୍ୟରେ ବର୍ଷାର ସମ୍ଭାବନା ରହିଛି। ପାଣିପାଗ କେନ୍ଦ୍ର ସୂଚନା ଅନୁସାରେ ଆସନ୍ତା ୨୪ ଘଣ୍ଟା ମଧ୍ୟରେ ୧୪ଟି ଜିଲ୍ଲାର କେତେକ ସ୍ଥାନରେ ଘଡ଼ଘଡ଼ି ସହିତ ବର୍ଷା ହେବାର ସମ୍ଭାବନା ରହିଛି ।

*****